## ସଂକ୍ଷେପରେ

### ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ଗୋପାଳପୁର,୧।୧୨(ଡି.ଏନ.ଏ.)- ରଙ୍ଗେଇଲୁଣ୍ଡା ବ୍ଲକ ଅଧୀନ ଦାସପୁରସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶଶିଧର ପାଢ଼ୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଆୟୋଜିତ ସଭାରେ ଶଶିଧରଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶାନ୍ତିଲତା ମୁନି ପେନସନ କାଗଜ ଓ ଅନ୍ୟାନ୍ୟ କାଗଜ ପ୍ରଦାନ କରିଥିଲେ। ଏବିଇଓ ଜୟସେନ ପ୍ରଧାନ, ଜୟନ୍ତ ସାହୁ ଓ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

### ପଞ୍ଚାୟତ ଉନ୍ନୟନ ଯୋଜନା ଖସଡା ପ୍ରସ୍ତୁତି କର୍ମଶାଳା

ଆସିକା,୧।୧୨(ଡି.ଏନ.ଏ.)- ଆସିକା ପଞ୍ଚାୟତ ସମିତି ସଭା ଗୃହରେ ବୁଧବାର ବିଭିନ୍ନ ପଞ୍ଚାୟତର ଉନ୍ନୟନ ଯୋଜନାର ବାର୍ଷିକ ଖସଡା ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଫକୀର ଚରଣ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଉପାଧ୍ୟକ୍ଷା ରେସମା ଦୋରା, ସହକାରୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ସ୍ୱାଇଁ, ପଞ୍ଚାୟତ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ । ଶିବିରରେ ପଞ୍ଚମ ରାଜ୍ୟ ଅର୍ଥ କମିସନ ଓ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିସନର ଅନୁଦାନରେ ହେବାକୁ ଥିବା ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ଦାରିଦ୍ର୍ୟ ଦୂରିକରଣ, ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟସେବା, ଶିଶୁ ବିକାଶ ଯୋଜନା, ମିଶନ ଶକ୍ତି ଏବଂ ଭିତ୍ତିଭୂମି ବିକାଶ ସମ୍ପର୍କିୟ ଯୋଜନା ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଶିବିରରେ ଆସିକା ବ୍ଲକ ଅନ୍ତର୍ଗତ ୨୭ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲାପରିଷଦ ସଦସ୍ୟ, ଗ୍ରାମରୋଜଗାର ସେବକ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ସାମିଲ ଥିଲେ ।

### ଅନନ୍ତ ନାରାୟଣଙ୍କ ଶ୍ରାଦ୍ଧ ବାର୍ଷିକୀରେ ସ୍ମୃତି ସଭା

ଧରାକୋଟ,୧।୧୨(ଡି.ଏନ୍.ଏ.)- ଧରାକୋଟର ରାଜା ଅନନ୍ତ ନାରାୟଣ ସିଂହ ଦେଓଙ୍କ ୧୯ ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ସମ୍ମୁଖରେ ସ୍ମୃତି ସଭା ଅନୁଷ୍ଠିତ ହୋଇଛି। ରାଣୀ ନନ୍ଦିନୀ ଦେବୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳୀ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଶାସନିକ ଅଧିକାରୀ ଅନୀଲ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଶିକ୍ଷାବିତ ଡଃ ବିମଳ ପ୍ରସାଦ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କୃଷିବିତ ରାମ ଶଙ୍କର ପଟ୍ଟନାୟକ, ବିଜେଡି ବ୍ଲକ ସଭାପତି ସଞ୍ଜୟ ପାତ୍ର, ଗାଳ୍ପିକ ପ୍ରାବନ୍ଧିକ ସୋମନାଥ ପଣ୍ଡା, ସାମ୍ବାଦିକ ବିଷ୍ଣୁ କେଶରୀ ଆଚାର୍ଯ୍ୟ, ଅବସରପ୍ରାପ୍ତ ଶିକ୍ଷକ ତ୍ରିନାଥ ସାହୁ, ସାମାଜିକ କର୍ମୀ ପଦ୍ମ ଚରଣ ବାରିକ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ସ୍ମୃତି ସଭାକୁ ରବୀନ୍ଦ୍ର ଘୋଷ, ଗୋଲକ ସାହୁ, ଲୋକନାଥ ଦାସ ପ୍ରମୁଖ ଯୋଗଦାନ କରିଥିଲେ।

# ପୁନଃ କାର୍ଯ୍ୟକ୍ଷମ ହେବ ଗୋପାଳପୁର ଚିଙ୍ଗୁଡ଼ି ଉତ୍ପାଦକ ୟୁନିଟ୍



ଜିଲାପାଳ ଓ ଅନ୍ୟମାନେ।

**ଛତ୍ରପୁର,୧।୧୨(ଡି.ଏନ.ଏ.)**

ଗଞ୍ଜାମ ଜିଲା ଗୋପାଳପୁରଠାରେ ଥିବା ବହୁ ପୁରାତନ ଚିଙ୍ଗୁଡ଼ି ଉତ୍ପାଦକ ୟୁନିଟ୍‌କୁ ପୁନଃ କାର୍ଯ୍ୟକ୍ଷମ କରିବା ଲାଗି ଯୋଜନା ରହିଛି। ୧୯୮୮ରେ ଗୋପାଳପୁରଠାରେ କାର୍ଯ୍ୟକ୍ଷମ ହୋଇଥିବା ଚିଙ୍ଗୁଡି ଉତ୍ପାଦକ ୟୁନିଟ ଦୀର୍ଘବର୍ଷ ଧରି ବନ୍ଦ ପଡିଛି। ବର୍ତ୍ତମାନ ଓଡିଶା ସରକାର ଏହି ୟୁନିଟ୍‌କୁ ନିଜ ଅଧୀନକୁ ଆଣି ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ସହ କୋଚି ସାମୁଦ୍ରିକ ଦ୍ରବ୍ୟ ରପ୍ତାନି-ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ଡି.ଭି.ସ୍ୱାମୀ ଏବଂ ନିର୍ଦ୍ଦେଶକ ଡଃ ଏମ. କାର୍ତ୍ତିଆନ ଗୁରୁବାର ଏକ ସୌଜନ୍ୟମୂଳ ସାକ୍ଷତ କରି ଆଲୋଚନା କରିଛନ୍ତି। ଗୋପାଳପୁରରୁ ଏହି ୟୁନିଟରେ ପୂର୍ବ ଠାରୁ କିଭଳି ଓଡିଶା ମତ୍ସ୍ୟବିଭାଗର ସହାୟତାରେ ଅଧିକରୁ ଅଧିକ ଚିଙ୍ଗୁଡି ଉତ୍ପାଦକ କରାଯାଇ ପାରିବ ତାହାକୁ ନେଇ ଆଲୋଚନା ହୋଇଛି। ନୂତନ ଭାବେ ଏହି ୟୁନିଟ ଚାଲୁ କରାଯାଇ ଦୁଇଟି ଏଚଏରି ସିଭାଜ-ପ୍ରକ୍ରିୟାରେ ୫ମିଲିଅନ ଟନ ଏବଂ ପିମୋନଡନ-ପ୍ରକ୍ରିୟାରେ ୩୦ ମିଲିଅନ ଟନ ଚିଙ୍ଗୁଡି ଉତ୍ପାଦକ କରିବା ପାଇଁ ଖସଡା ପ୍ରସ୍ତୁତ କରାଯାଇଛି । ବୈଠକରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଭି.କୀର୍ତ୍ତିଭାଷନ, ଜିଲ୍ଲା ମତ୍ସ୍ୟ ଅଧିକାରୀ ନିମାଇଁ ଚରଣ ବସ୍ତିଆଙ୍କ ସହ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ।

# ସଂରକ୍ଷିତ ଜଙ୍ଗଲରେ ଅଙ୍ଗାର ପ୍ରସ୍ତୁତି, ୪ ଗିରଫ

## ପୋଟାଲୁଣ୍ଡିରେ ହାତୀ ଆତଙ୍କ



ଜବତ କାଠ।

**ଭଞ୍ଜନଗର,୧।୧୨(ଡି.ଏନ.ଏ)**

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ କେନ୍ଦ୍ରୀୟ ବନାଞ୍ଚଳ ଅନ୍ତର୍ଗତ କାଳିଆମ୍ବ ସଂରକ୍ଷିତ ଜଙ୍ଗଲରେ ଗୁରୁବାର ମୂଲ୍ୟବାନ କାଠକୁ ପୋଡି ଅଙ୍ଗାର ପ୍ରସ୍ତୁତି କରିବା ଅଭିଯୋଗରେ ବନବିଭାଗ ୪ ଜଣଙ୍କୁ ଗିରଫ କରିଛି। ଗିରଫ ୪ ଜଣଙ୍କୁ ସନ୍ଧ୍ୟାରେ ଭଞ୍ଜନଗର କୋର୍ଟକୁ ଚାଲାଣ କରାଯାଇଛି। ଉକ୍ତ ଜଙ୍ଗଲରେ ଆଜିକୁ କିଛି ମାସ ହେବ କାଠ ଚୋରି ବଢିବାରେ ଲାଗିଛି। ଏହିଭଳି ପରିସ୍ଥିତିରେ ବିଭାଗୀୟ କର୍ମଚାରୀ ପାଟ୍ରୋଲିଂ କରୁଥିବା ବେଳେ ଅଭିଯୁକ୍ତମାନଙ୍କୁ ଧରିଥିଲେ। ଏହି ଚଢ଼ାଉର ନେତୃତ୍ୱ ବନପାଳ ଶରତ ମହାନ୍ତି ନେଇଥିଲେ। ଅନ୍ୟପକ୍ଷରେ ଏହି ବନଖଣ୍ଡରେ ହାତୀ ଆତଙ୍କ ଥମିବାର ନାହିଁ। ସନ୍ଧ୍ୟାରେ ହାତୀମାନେ ତିନିଛକିଆ ଜଙ୍ଗଲରୁ ବାହାରି ଲେମ୍ବେଇ, ପୋଟାଲୁଣ୍ଡି ଅଞ୍ଚଳରେ ହୋଇଥିବା ଧାନ ଫସଲ କ୍ଷତି କରିଥିବା ଜଣାପଡିଛି। ବନ ବିଭାଗ କର୍ମଚାରୀ ହାତୀକୁ ଘଉଡାଇବାକୁ ଚେଷ୍ଟା ଚଳାଇଛନ୍ତି।

# ଏଡ୍‌ସ ରୋକିବାକୁ ସମସ୍ତଙ୍କ ସହଯୋଗ ଆବଶ୍ୟକ

**ଫୁଲବାଣୀ ଅଫିସ, ୧।୧୨**



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର, ମେଡିକାଲ କର୍ମଚାରୀମାନେ ।

ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋଜ କୁମାର ଉପାଧ୍ୟାୟ ଅଧ୍ୟକ୍ଷତା କରିଥିଲେ। ଏଡ୍‌ସ ରୋଗରେ ଅତୀତରେ ବହୁ ଲୋକଙ୍କ ମୃତ୍ୟୁ ଘଟିଛି। ଏବେ ସେଭଳି ପରିସ୍ଥିତି ଆଉ ପ୍ରାୟ ନାହିଁ। ଲୋକେ ସଚେତନ ହେଲେଣି। ତଥାପି ସମ୍ପୂର୍ଣ୍ଣ ନିରାକରଣ ପାଇଁ ଆହୁରି ସଚେତନତା ଆବଶ୍ୟକ। ଏଡ୍‌ସ ରୋଗୀମାନଙ୍କୁ ନିଜ ପରିବାରର ସଦସ୍ୟମାନେ ଅନ୍ୟମାନଙ୍କ ଭଳି ବ୍ୟବହାର କରିବା ଉଚିତ୍ ନୁହେଁ ବୋଲି ଡା. ଉପାଧ୍ୟାୟ କହିଛନ୍ତି। କନ୍ଧମାଳ ଜିଲାରେ ୨୫୫ ଜଣ ଏଡ୍‌ସ ରୋଗୀ ଥିଲେ । ସେମାନଙ୍କ ମଧ୍ୟରୁ ୩୬ ଜଣଙ୍କ ମୃତ୍ୟୁ ହୋଇଛି । ଏଡ୍‌ସ ରୋକିବା ଦିଗରେ ସମସ୍ତେ ଧ୍ୟାନ ଦେବା ଆବଶ୍ୟକ। ସେଭଳି କିଛି ଲକ୍ଷଣ ଦେଖାଦେଲେ ପରୀକ୍ଷା କରାଇ ନେବାକୁ ଅତିରିକ୍ତ ଜିଲା ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରସନ୍ନ କୁମାର ତ୍ରିପାଠୀ ପରାମର୍ଶ ଦେଇଛନ୍ତି। ଜିଲା ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ ନିଜେ ନିଜର ସୁରକ୍ଷା କବଚ ହେବା ପାଇଁ କହିଥିଲେ। ବିଦ୍ୟାଳୟଗୁଡିକରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ମାଧ୍ୟମରେ ସଚେତନ କରାଯାଉଛି ବୋଲି ସୂଚନା ଦେଇଥିଲେ । ଆଲୋଚନା ଚକ୍ରରେ ସ୍ୱାତୀର ସମ୍ପାଦକ ହରିଶଙ୍କର ରାଉତଙ୍କ ସମେତ ଏ ଦିଗରେ କାର୍ଯ୍ୟ କରୁଥିବା ବିଭିନ୍ନ ସଂଗଠନ, ଆଶା, ଗାଁ କଲ୍ୟାଣ ସମିତି ସଦସ୍ୟା, ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ଦେବାଶିଷ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଧର୍ମେନ୍ଦ୍ର କୁମାର ତାଣ୍ଡି ଧନ୍ୟବାଦ ଦେଇଥିଲେ ।

## ବିଶ୍ୱ ଏଡ୍‌ସ ଦିବସ ପାଳିତ

**ଆସିକା,୧।୧୨(ଡି.ଏନ.ଏ,)**

ଆସିକାସ୍ଥିତ ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟ ଓ ଆସିକା ବିଜ୍ଞାନ ମହାବିଦ୍ୟାଳୟ ଯୁବ ରେଡକ୍ରସ ବାହିନୀ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳନ କରାଯାଇଥିଲା । ନିରଞ୍ଜନ ମହିଳା ମହାବିଦ୍ୟାଳୟରେ ଅଧ୍ୟକ୍ଷ ଗଣେଶ୍ୱର ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଲିସିରା ଡାକ୍ତରଖାନାର ଦୀପକ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଡସ ରୋଗର କାରଣ, ନିରାକରଣ ଓ ଚିକିତ୍ସା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଯୁବ ରେଡକ୍ରସର ସଂଯୋଜିକା ଡ. ଲିଲା ଲିଲିୟନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ଏଡସ ଦିବସ ଉପଲକ୍ଷେ ଅନୁଷ୍ଠିତ ପ୍ରବନ୍ଧ, ବକ୍ତୃତା ଓ ପୋଷ୍ଟର ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ସେହିଭଳି ଆସିକା ବିଜ୍ଞାନ କଲେଜରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଡ. ଜିବାନନ୍ଦ ତ୍ରିପାଠୀ ପୌରହିତ୍ୟ କରିଥିଲା ବେଳେ ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସୁବ୍ରତ ସ୍ୱରୂପ ପଣ୍ଡା ଯୋଗଦେଇଥିଲେ । ଯୁବ ରେଡକ୍ରସ ଉପଦେଷ୍ଟା ଅଧ୍ୟାପକ ରାଜେଶ କୁମାର ସାହୁ ଓ ଦେବବ୍ରତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନିଖୋଜ ମାନ୍ଧୁ ଘରକୁ ଫେରିଲେ



ପରିବାର ଲୋକଙ୍କ ସହ ମାନ୍ଧୁ ମାଝୀ।

**ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୧।୧୨**

ଭୁବନେଶ୍ୱର ବୁଲିବାକୁ ଯାଇ ଗତ ୧୩ ତାରିଖରୁ ନିଖୋଜ ଥିବା ଫିରିଙ୍ଗିଆ ଥାନା ଅଞ୍ଚଳର ୬୫ ବର୍ଷୀୟ ମାନ୍ଧୁ ମାଝୀ ୧୭ ଦିନ ପରେ ଘରକୁ ଫେରିଛନ୍ତି। ସେ ଫେରିବା ପରେ ପରିବାରରେ ଖୁସି ଖେଳିଯାଇଛି।

ଗତ ୧୩ ତାରିଖରେ ମାନ୍ଧୁ ଭୁବନେଶ୍ୱର ବୁଲିବାକୁ ଯାଇଥିଲେ । ସେ ଇସ୍କନ ମନ୍ଦିର ଗେଟ୍ ପାଖରୁ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ । ବହୁ ଖୋଜାଖୋଜି ପରେ ବି ତାଙ୍କ ସନ୍ଧାନ ନ ମିଳିବାରୁ ପରିବାର ଲୋକେ ଫିରିଙ୍ଗିଆ ଥାନାରେ ଜଣାଇବା ସହ ଭୁବନେଶ୍ୱର ନୟାପଲ୍ଲୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ନୟାପଲ୍ଲୀ ଥାନା ପୋଲିସ ଇସ୍କନ ମନ୍ଦିରରେ ଲାଗିଥିବା ସିସି ଟିଭି ଫୁଟେଜ ଯାଞ୍ଚ କରିବା ପରେ ସେ ଗେଟ୍ ବାହାରକୁ ଯା'ଆସ କରିଥିବା ଜଣାପଡ଼ିଥିଲା । ମାତ୍ର ସେ ଫୁଲବାଣୀରେ ଥିବା କାଶିନୀପଦର ପଞ୍ଚାୟତ ଗଲେସୁଗା ଗାଁର ଜଣେ ବ୍ୟକ୍ତି ଦେଖି ତାଙ୍କୁ ଚିହ୍ନିବା ସହ ସାଙ୍ଗରେ ଫିରିଙ୍ଗିଆ ପର୍ଯ୍ୟନ୍ତ ନେଇ ଆସିଥିଲେ । ସାସିପଦର ଗାଁ ସ୍କୁଲର ଶିକ୍ଷକ ତାଙ୍କୁ ନେଇ ଘରେ ଛାଡ଼ି ଥିଲେ । ମାନ୍ଧୁ ଠିକ୍ ଭାବେ କିଛି ଜାଣି ପାରୁନାହାନ୍ତି । ସେ କେଉଁଠି ଥିଲେ ଏବଂ କିପରି ଆସିଲେ ଜାଣି ପାରୁ ନଥିବା ବେଳେ ଠିକ୍‌ରେ କଥାବାର୍ତ୍ତା ମଧ୍ୟ କହିପାରୁ ନାହାନ୍ତି ବୋଲି ପରିବାର ଲୋକେ କହିଛନ୍ତି।

# ଆନ୍ତଃ ମହାବିଦ୍ୟାଳୟ ମହିଳା କବାଡ଼ି ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ବୁଗୁଡ଼ା, ୧।୧୨(ଡି.ଏନ.ଏ.)**



କବାଡ଼ି ମ୍ୟାଚ୍।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ବାଲିପଦର ଆଞ୍ଚଳିକ ଡିଗ୍ରୀ କଲେଜ ପକ୍ଷରୁ ସ୍ୱପରିସରରେ ଆୟୋଜିତ ୧୪ତମ ଆନ୍ତଃମହାବିଦ୍ୟାଳୟ ମହିଳା କବାଡି ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ କଲେଜ ଅଧ୍ୟକ୍ଷ ଡ. ବିବେକାନନ୍ଦ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ବୁଗୁଡ଼ା ବ୍ଲକ ଅଧ୍ୟକ୍ଷା କେ. ପ୍ରିୟଦର୍ଶିନୀ ଆଚାରୀ ଏବଂ ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ପ୍ରାକ୍ତନ ଉପାଧ୍ୟକ୍ଷ ଟୁକୁନା ସ୍ୱାଇଁ, କ୍ରୀଡା ପରିଷଦ ସମ୍ପାଦକ ପ୍ରଫେସର ଗଣେଶ ସେଠୀ, ବାଲିପଦର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ବି. ପ୍ରକାଶ ଚନ୍ଦ୍ର ପାତ୍ର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବିଭିନ୍ନ କଲେଜର ୧୩ ଦଳ ଅଂଶ ଗ୍ରହଣ କରିଥିବା ଏହି ଦ୍ୱିଦିବସୀୟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚରେ ଆସିକା ନିରଞ୍ଜନ ମହିଳା ମହାବିଦ୍ୟାଳୟ ଦଳ ୪୬-୧୬ ପଏଣ୍ଟରେ ଚିକିଟି କଲେଜ ଦଳକୁ ହରାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ବାଲିପଦର କଲେଜ ଭଞ୍ଜନଗର କଲେଜ ଦଳକୁ ୩୭-୦୮ ପଏଣ୍ଟରେ ହରାଇଥିଲା। ମ୍ୟାଚ୍ ରେଫରି ଭାବେ କ୍ରୀଡ଼ା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ର ଓ ଶ୍ରୀନିବାସ ଦୋରା ନିୟୋଜିତ ରହିଥିବା ବେଳେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ରାଜେଶ ମହାନ୍ତି ଓ ରବି ମିଶ୍ର ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ବାଲିପଦର କଲେଜ କ୍ରୀଡା ସଂସ୍ଥାର ଉପସଭାପତି ଜିତେଶ୍ ରାଓ ଦୋରା, ଟିମ୍ ମ୍ୟାନେଜର ମିନତି ଆଚାରୀ, କ୍ରୀଡ଼ା ଶିକ୍ଷକ ଭଞ୍ଜକିଶୋର ଗୌଡ଼ ଓ କର୍ମଚାରୀ ନବଘନ ପ୍ରଧାନ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

# ବନ୍ୟାଜଳ ନିଷ୍କାସନ ସମ୍ପର୍କରେ ପ୍ରଶ୍ନ କଲେ ଛତ୍ରପୁର ବିଧାୟକ

## ବିଧାନସଭା ଶୀତକାଳୀନ ଅଧିବେଶନ

**ଗଞ୍ଜାମ,୧।୧୨(ଡି.ଏନ.ଏ.)**

ଖରଖରୀ ନାଳ ଓ ଋଷିକୁଲ୍ୟା ନଦୀର ସଙ୍ଗମ ସ୍ଥଳୀଠାରେ ଖରଖରୀ ନଦୀ ଶଯ୍ୟା ଅଣ ଓସାରିଆ ତଥା ଅଗଭୀର ଥିବା ଯୋଗୁ ବନ୍ୟା ଜଳ ଋଷିକୁଲ୍ୟା ନଦୀକୁ ନିଷ୍କାସିତ ହୋଇ ନ ପାରି ଗଞ୍ଜାମ ବ୍ଲକ ଅଞ୍ଚଳ ଚାଷ ଜମି ଜଳମଗ୍ନ ହୋଇ ପ୍ରତି ବର୍ଷ ଫସଲ କ୍ଷତି ହେଉଛି। ଏଥିପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ କ'ଣ ପଦକ୍ଷେପ ନିଆଯାଇଛି ବୋଲି ବିଧାନସଭା ଶୀତକାଳୀନ ଅଧିବେଶନରେ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁଙ୍କୁ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ପ୍ରଶ୍ନ କରିଥିଲେ। ଉତ୍ତରରେ ଉପରୋକ୍ତ ବିଷୟରେ ବିଭାଗ ଅବଗତ ଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ଏହାର ପ୍ରତିକାର ନିମନ୍ତେ ଋଷିକୁଲ୍ୟା, ବାହୁଦା, ବଂଶଧାରା ଓ ନାଗାବଳି ଅବବାହିକା ଅନ୍ତର୍ଗତ ବ୍ରହ୍ମପୁର ବିଭାଜନ ଦ୍ୱାରା ଖରଖରୀ ନାଳ ଋଷିକୁଲ୍ୟା ନଦୀ ସହ ସଙ୍ଗମ ସ୍ଥଳକୁ ୱେଲ ମାୟୁଥ ସେଫରେ ଓସାରିଆ କରି ୱେଫିଲେକ୍ସ ବଣ୍ଡ କରିବା ବ୍ୟବସ୍ଥା କରାଯାଇଛି। ଏଥିସହ କଂସାରୀଗଣ୍ଡ ଇନଷ୍ଟ୍ରିମ ଷ୍ଟୋରେଜ ପ୍ରୋଜେକ୍ଟରେ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ଇପିସି ମୋଡ଼ରେ ଏହାର ଚୁକ୍ତିନାମା କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ଏଥିପାଇଁ ୪ କୋଟି ୬୨ ଲକ୍ଷ ବ୍ୟୟ ଅଟକଳ କରାଯାଇଛି। ଉକ୍ତ ଟଙ୍କାରେ ଖରଖରୀ ନାଳ ଆରଡ଼ି ୧୯ କିଲୋମିଟର ୯୨୫ ସେଣ୍ଟିମିଟରଠାରୁ ଆରଡ଼ି ୪୬ କିଲୋମିଟର ଯାଏ ସର୍ବେକ୍ଷଣ ଓ ସନ୍ଧାନ କରାଯାଇ ଉନ୍ନତୀକରଣ କରାଯିବାର ପ୍ରସ୍ତାବ ରହିଛି। କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ଗଞ୍ଜାମ ବ୍ଲକକୁ ବନ୍ୟା ଜନିତ ଫସଲ କ୍ଷତିରୁ ରକ୍ଷା ପାଇବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ଜଳସମ୍ପଦ ମନ୍ତ୍ରୀଙ୍କ ଉତ୍ତରରେ ବିଧାୟକ ବେହେରା ଖୁସିବ୍ୟକ୍ତ କରିଥିବା ଜଣାପଡିଛି।

# ଦାରିଙ୍ଗବାଡ଼ିରେ ଖୋଲିଲା ଇକୋ ରିଟ୍ରିଟ୍

**ଦାରିଙ୍ଗବାଡ଼ି,୧।୧୨(ଡି.ଏନ.ଏ)**

■ଚଳିତ ଥର ଶସ୍ତା ହେଲା ରାତ୍ରିଯାପନ ଦର
■ପଞ୍ଚତାରକା ହୋଟେଲ ବ୍ୟବସ୍ଥା ସହ ପର୍ଯ୍ୟଟନ କ୍ଷେତ୍ର ବୁଲିବା ସୁବିଧା



ଅତିଥିମାନେ ଇକୋ ରିଟ୍ରିଟ୍‌କୁ ଉଦଘାଟନ କରୁଛନ୍ତି।

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକଠାରେ ଇକୋରିଟ୍ରିଟ୍ ଗୁରୁବାରଠାରୁ ଖୋଲିଛି । ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ । ରାଜ୍ୟର ଏକାଧିକ ସ୍ଥାନରେ ଏହି ଇକୋରିଟ୍ରିଟ୍‌ର ଶୁଭାରମ୍ଭ ହୋଇଥିବା ବେଳେ ଦାରିଙ୍ଗବାଡ଼ିରେ ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଜିଲା ଅଧ୍ୟକ୍ଷ ରୋଦନ ମଲ୍ଲିକ, ଜିଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ, କନ୍ଧମାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲ, କନ୍ଧମାଳ ଏସ୍‌ପି ବିନିତ ଅଗ୍ରୱାଲ, ବାଲିଗୁଡ଼ା ଏସ୍‌ଡିପିଓ ଜି.ଆର. ରାଘବେନ୍ଦ୍ର ଏବଂ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସେହିପରି କାର୍ଯ୍ୟକ୍ରମରେ ଦାରିଙ୍ଗବାଡ଼ି ବ୍ଲକ ସମେତ ଅନ୍ୟ ବ୍ଲକର ଲୋକ ପ୍ରତିନିଧିମାନେ ମଧ୍ୟ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ପର୍ଯ୍ୟଟନ ଅଧିକାରୀ ଶୁଭ୍ରାସିନୀ ନାୟକ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ। ବିଡିଓ ଗଦାଧର ପାତ୍ର ସଭା ପରିଚାଳନା କରିଥିଲେ। ଏହି ଅବସରରେ ବିଡିଓ ଗଦାଧର ପାତ୍ରଙ୍କ ରଚୟିତା 'ଏଇ ଆମ ଦାରିଙ୍ଗବାଡ଼ି' ଭିଡିଓ ଆଲବମ୍‌କୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ । ଦାରିଙ୍ଗବାଡ଼ିର ସୁନ୍ଦର ପାହାଡ଼, ଜଙ୍ଗଲ ଓ ପର୍ଯ୍ୟଟନକ୍ଷେତ୍ର ଏବଂ ସ୍ଥାନୀୟ କଳାକାରମାନଙ୍କୁ ନେଇ ଭିଡିଓଟି କରାଯାଇଛି। ସେହିପରି ଅତିଥିମାନେ ସମସ୍ତ ୨୫ କଟେଜକୁ ବୁଲି ଦେଖିଥିଲେ। ପ୍ରକାଶ ଯେ, ଚଳିତ ଥର ଦାରିଙ୍ଗବାଡିରେ ତୃତୀୟଥର ପାଇଁ କରାଯାଇଥିବା ବେଳେ ଚଳିତ ଥର ନୂତନ ଜମି ଏବଂ ଏକ ପାହାଡ଼ ଉପରେ କରାଯାଇଛି । ଚଳିତ ଥର ପୂର୍ବ ବର୍ଷ ଅପେକ୍ଷା ପର୍ଯ୍ୟଟକଙ୍କୁ ଶସ୍ତାରେ କଟେଜ ମିଳିବ ଏବଂ ଆଗ ଅପେକ୍ଷା ଅଧିକା ସୁବିଧା ସୁଯୋଗ ରହିଥିବା ଜିଲା ପର୍ଯ୍ୟଟନ ଅଧିକାରୀ ଶୁଭ୍ରାସିନୀ ନାୟକ କହିଛନ୍ତି। ଶିଶୁ ପର୍ଯ୍ୟଟକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ସହ ପର୍ଯ୍ୟଟନକ୍ଷେତ୍ର ବୁଲିବା ଏବଂ ସେମାନଙ୍କ ଲାଗି ଗାଇଡ କରାଯିବା ବ୍ୟବସ୍ଥା ଆଦି ରହିଛି। ଚଳିତ ବର୍ଷ ଯେଉଁ ସ୍ଥାନରେ ଇକୋରିଟ୍ରିଟ କରାଯାଇଛି ଉକ୍ତ ସ୍ଥାନ ପାହାଡ଼ ଉପରେ ହୋଇଥିବାବେଳେ କଟେଜ ଭିତରେ ହେଉ କି ବାହାରେ ସେ ଡାଇନିଂ ହଲରେ ମଧ୍ୟ ପର୍ଯ୍ୟଟକ ବାହାରର ଦୃଶ୍ୟକୁ ଭରପୂର ଉପଭୋଗ କରିବା ବ୍ୟବସ୍ଥା ରହିଛି । ଫଳରେ ପର୍ଯ୍ୟଟକ ଚଳିତ ଇକୋରିଟ୍ରିଟ୍‌କୁ ଅଧିକା ଆକୃଷ୍ଟ ହେବେ ବୋଲି କନ୍ଧମାଳ ଜିଲାପାଳ କହିଛନ୍ତି। ସ୍ଥାନୀୟ ଲୋକ କିଭଳି ପର୍ଯ୍ୟଯକଙ୍କୁ ଭଲ ବ୍ୟବହାର କରିବେ ସେନେଇ ଜିଲାପାଳ ସ୍ଥାନୀୟ ଲୋକଙ୍କୁ ନିବେଦନ କରିଛନ୍ତି।

# ଉଜ୍ଜ୍ୱଳା ଯୋଜନା ଅପହଞ୍ଚ, କାଠଚୁଲି ଭରସା

**ଆର.ଉଦୟଗିରି,୧।୧୨(ଡି.ଏନ୍.ଏ.)**

କେନ୍ଦ୍ର ସରକାର ଗ୍ରାମୀଣ ଗରିବ ମହିଳାଙ୍କ ରୋଷେଇ ଘରକୁ ମାଗଣା ରନ୍ଧନ ଗ୍ୟାସ ସଂଯୋଗ ଯୋଜନା କରିଛନ୍ତି। କିନ୍ତୁ ତାହା ଅପହଞ୍ଚ ହୋଇଥିବା ଏବଂ ଖଟିଖିଆଙ୍କ ପାଖରେ ଅର୍ଥର ଅଭାବ ଥିବାରୁ ୧୧୫୦ରୁ ୧୨ ଶହ ଟଙ୍କା ଦେଇ ଗ୍ୟାସ କିଣିବା ସମ୍ଭବପର ହୋଇପାରୁନି। ଫଳରେ ଗ୍ରାମାଞ୍ଚଳ ଲୋକେ ପୁଣି ଚିରାଚରିତ କାଠଚୁଲି ବ୍ୟବହାର କରୁଛନ୍ତି। ସ୍ଥାନୀୟ ପଞ୍ଚାୟତର ବହୁ ଗ୍ରାମରେ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି। ଜ୍ୱଳନ୍ତ ଉଦାହରଣ ହେଉଛି ଆର.ଉଦୟଗିରି ଥାନାର ପୁଟୁରୁପଡା, ଟାଙ୍ଗଲି, ବେତରସିଂ, ପରିମଳ, ଦୟପୁରୁ, ସମ୍ବଲପୁର, ସୁନ୍ଦରଡାଙ୍ଗ, ଅନୁଗୁରୁ, କିରାମା, ପାରିଭେଟା, ବଡ଼ିରିଗୁଡା, ବାଦପୁର, ସୁରିଖିମ୍ବାର, ଅନ୍ତଲି, ରଙ୍ଗମାଟି, ଶରଳାପଦର, କେରେଡାଙ୍ଗ ଓ ଅତରସିଂ ଗ୍ରାମ ଏବଂ ନୂଆଗଡ଼ ବ୍ଲକର ଡାବରଡା, ଲିଅବ, ଘୋଡାକୋଣ, ପି. ଅନ୍ତରଡା ପ୍ରଭୃତି ଗ୍ରାମଗୁଡିକର ଲୋକେ ରନ୍ଧନଗ୍ୟାସ କ'ଣ ଜାଣିନାହାନ୍ତି। ଏହି ଯୋଜନା ଗ୍ରାମଗୁଡ଼ିକରେ ପହଞ୍ଚି ପାରୁନି ବୋଲି ଲୋକେ କହୁଛନ୍ତି। ସେହିପରି ପାରିଭେଟା ଓ ରଙ୍ଗମାଟି ଗ୍ରାମରେ ପ୍ରାୟ ୬୦ରୁ ଅଧିକ ପରିବାର ଠକାମିର ଶିକାର ହୋଇଛନ୍ତି। ଦୁର୍ଗମାଞ୍ଚଳରେ ଏବେ ମଧ୍ୟ କାଠଚୁଲି ଉପରେ ନିର୍ଭର କରୁଛନ୍ତି ମହିଳା। ନୂଆଗଡ଼ ଓ ଆର.ଉଦୟଗିରିରେ କୌଣସି ଡିପୋ ନ ଥିବାରୁ ଏଠାକାର ଡିଲରମାନେ ପାରଳାଖେମୁଣ୍ଡି, ଗଣ୍ଡାହାଟି ଓ କାଶୀନଗର ଅଞ୍ଚଳରେ ଥିବା ଡିପୋରୁ ଗ୍ୟାସ ଚଢାଦରରେ ବିକ୍ରି କରନ୍ତି। ନୂଆଗଡ଼ ଓ ଆର.ଉଦୟଗିରି ଗ୍ରାମରେ ଗ୍ୟାସ ଡିପୋ କରାଗଲେ ଅଞ୍ଚଳର ଲୋକମାନେ ଠକାମିରୁ ରକ୍ଷା ପାଇପାରନ୍ତେ ବୋଲି ଦାବି ହେଉଛି।

## ଆଜି କ'ଣ କେଉଁଠି

ଦାରିଙ୍ଗବାଡି
- ବ୍ଲକସ୍ତରୀୟ ପ୍ରତିଭା ଚୟନ। ସ୍ଥାନ– ସରକାରୀ ଉଚ୍ଚ ବିଦ୍ୟାଳୟ। ସମୟ –ପୂର୍ବାହ୍ନ ୧୦ଟା ।

କ. ନୂଆଗାଁ
- ବ୍ଲକସ୍ତରୀୟ ବିଜ୍ଞାନ ମେଳା। ସ୍ଥାନ– ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ : ସକାଳ ୯ଟା।

## ସଂକ୍ଷେପରେ

### ମୋବାଇଲ ଫୋନ୍ ଝାମ୍ପିନେଲେ

**ବ୍ରହ୍ମପୁର ଅଫିସ,୧।୧୨:** ଲାଞ୍ଜିପଲ୍ଲୀ ଆଡୁଆ ସାହିର ବି. ଜଗନ୍ନାଥ ପ୍ରଧାନ ଗତ ୨୨ ତାରିଖରେ ଗୋଷାଣି ନୂଆଗାଁରୁ ହଳଦିଆପଦର ଯାଉଥିବା ବେଳେ ଓଭରବ୍ରିଜ ନିକଟରେ ଗାଡି ପାର୍କିଂ କରି ତାଙ୍କ ଅଫିସର ଜଣେ ଅଧିକାରଙ୍କ ସହ କଥା ହେଉଥିଲେ। ଏହି ସମୟରେ ଦୁଇଜଣ ଯୁବକ ଏକ ନମ୍ବର ବିହୀନ ବାଇକରେ ଆସି ତାଙ୍କୁ ଧକ୍କା ଦେଇ ମୋବାଇଲ ଝାମ୍ପି ନେଇଥିଲେ। ଜଗନ୍ନାଥ ତାଙ୍କ ଅଫିସ କାମରେ ସେବେଠାରୁ ଭୁବନେଶ୍ୱର ଚାଲିଯାଇଥିଲେ। ଭୁବନେଶ୍ୱରରୁ ଫେରି ସେ ବୁଧବାର ସେ ଗୋଷାଣି ନୂଆଗାଁ ଥାନାରେ ମୋବାଇଲ ଚୋରି ହୋଇଥିବା ସମ୍ପର୍କରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୨୨/୨୨ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଦୁର୍ବୃତ୍ତମାନେ ଲୁଟି ନେଇଥିବା ମୋବାଇଲକୁ ପୋଲିସ ଟ୍ରାକିଂ କରୁଛି। ଅନ୍ୟପଟେ ଅଞ୍ଚଳରେ ଲାଗିଥିବା ସିସି ଟିଭି ଫୁଟେଜକୁ ଆଧାର କରି ମଧ ତଦନ୍ତ ଚାଲିଥିବା ପୋଲିସ କହିଛି।

### ପ୍ରାକ୍ ବଡ଼ଦିନ ମହୋତ୍ସବ ଆରମ୍ଭ

**ଜି.ଉଦୟଗିରି,୧।୧୨(ଡି.ଏନ.ଏ.):** ଜି.ଉଦୟଗିରି ବ୍ଲକର କଳିଙ୍ଗାଠାରେ ପ୍ରାକ ବଡଦିନ ମହୋବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସର୍ବ ଧର୍ମ କମିଟି, ସ୍ଥାନୀୟ ଯୁବକ ସଂଘ ଓ ମହିଳା ସମିତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ଆମନ୍ ଚନ୍ଦ୍ର ନାୟକ ପରିଚାଳନା କରିଥିବା ବେଳେ ଅତିଥି ଭାବେ କଳିଙ୍ଗା ମହାବିଦ୍ୟାଳୟର ଓଡ଼ିଆ ଅଧାପକ ନଳିନୀ କୁମାର୍ ପାଣିଗ୍ରାହୀ, ଗୋଷ୍ଠୀ ଉନନୟନ ଅଧିକାରୀ ଆଶିଷ କୁମାର ତ୍ରିପାଠୀ, ଅଜୟ କୁମାର ସ୍ୱାଇଁ, ମିନାକ୍ଷୀ କୁମାର କୁମୁଦିନୀ ଦିଗାଲ, ସମୀର କୁମାର୍ ପାଢ଼ୀ, ବଙ୍କି ମଲ୍ଲିକ, ପିତର ମଲ୍ଲିକ ପ୍ରମୁଖ ମଞ୍ଚାସୀନ ଥିଲେ। ମଞ୍ଚାସିନ ଅତିଥି ସମସ୍ତଙ୍କୁ ବଡ଼ ଦିନ ପାଇଁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିବା ସହିତ ଭାଇଚାରା ରକ୍ଷା କରି ଭାଇଚାରା ସୃଷ୍ଟି କରି ଶାନ୍ତି ଶୃଙ୍ଖଳା ସହିତ ବଞ୍ଚିବା ବିଷୟରେ ମତ ପ୍ରକାଶ କରିଥିଲେ।

### ଅସହାୟଙ୍କୁ କମ୍ବଳ ବାଣ୍ଟିଲେ ବିଡିଓ

**ଫୁଲବାଣୀ ଅଫିସ, ୧।୧୨:** କନ୍ଧମାଳ ଜିଲାରେ ଶୀତର ପ୍ରକୋପ ଜାରି ରହିଛି। ଶୀତରୁ ଗରୀବ ଅସହାୟମାନେ ଯେଭଳି ରକ୍ଷା ପାଇବେ ସେଥିଲାଗି ପଦକ୍ଷେପ ନେବାକୁ ସରକାର ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଫୁଲବାଣୀ ବିଡିଓ ପ୍ରବୀଣ କୁମାର ବାଣୁଆ ନିଜେ କମ୍ବଳ କିଣି ଅସହାୟ ଗରୀବମାନଙ୍କୁ ବାଣ୍ଟୁଛନ୍ତି। କ୍ଷେତ୍ର ପରିଦର୍ଶନ କରିବାକୁ ଗଲାଥିବା ବେଳେ ବାଟରେ ଭେଟୁଥିବା ଗରୀବ ଅସହାୟଙ୍କୁ ସେ କମ୍ବଳ ଦେଉଛନ୍ତି। କମ୍ବଳ କିଣାହୋଇ ବ୍ଲକ କାର୍ଯ୍ୟାଳୟରେ ରଖାଯାଇଛି। ଯେଉଁମାନେ ଏଠାକୁ ଆସୁଛନ୍ତି, ସେମାନଙ୍କୁ ଦିଆଯାଉଛି। ଗାଁକୁ ଗଲେ ଯାହାର ଆବଶ୍ୟକ ଥିବା ଅନୁଭବ କରୁଛୁ ସେମାନଙ୍କୁ ମଧ ଦେଉଛୁ ବୋଲି ବିଡଓ ବାଣୁଆ ପ୍ରକାଶ କରିଛନ୍ତି।

### ନର୍ମଦା ଆର୍ଏମ୍ସି ଉପସଭାପତି ଭାବେ ନିର୍ବାଚିତ

**ଆର.ଉଦୟଗିରି,୧।୧୨(ଡି.ଏନ.ଏ.):** ପାରଳାଖେମୁଣ୍ଡି ସ୍ଥିତ ଆର୍ଏମ୍ସି କାର୍ଯ୍ୟାଳୟରେ ଆର୍ଏମ୍ସି (ଆର.ଉଦୟଗିରି)ର ଉପସଭାପତି ପଦପାଇଁ ନିର୍ବାଚନ ପ୍ରକ୍ରିୟା ଜାରି ରହିଥିଲା। ଆରଏମସି (ଆର.ଉଦୟଗିରି) ଉପସଭାପତି ନର୍ମଦା ଦଳେଇ ଅପ୍ରତିଦ୍ୱନ୍ଦ୍ୱି ଭାବେ ନିର୍ବାଚିତ ହୋଇଛନ୍ତି। ଏହି ଅବସରରେ ଆରଏମସି ଆର.ଉଦୟଗିରି ସଭାପତି ଏସ ଗଜପତି ରାଓ, ସମସ୍ତ ଡାଇରେକ୍ଟର ଓ ଆର୍ଏମ୍ସି ଆର.ଉଦୟଗିରି ଉପସଭାପତି ନର୍ମଦା ଦଳେଇ କଲେଜ ଛକ ସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଓ ପାରଳାଖେମୁଣ୍ଡି ମହାରାଜ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ବରିଷ୍ଠ ନେତା ତଥା ହାଇଟେକ୍ ଗ୍ରୁପ ଅଧକ୍ଷ ଡଃ ତିରୁପତି ପାଣିଗ୍ରାହୀ, ବରିଷ୍ଠ ନେତା ବସନ୍ତ ଦାସ, ଆରଏମସି ଆର.ଉଦୟଗିରି, ଜିଲା ପରିଷଦ ସଦସ୍ଯ ଏସ ବାଲରାଜୁ, ବିଜେଡି ରାଜ୍ଯ ସମ୍ପାଦକ ମରୁତ୍ ପାଲ, ସମସ୍ତ ବ୍ଲକ୍ର ଅଧକ୍ଷ ଓ ବିଜୁଜନତା ଦଳର କର୍ମକର୍ତ୍ତା ଗଣ ଉପସ୍ଥିତ ଥିଲେ।

# ପ୍ଲାଷ୍ଟିକମୁକ୍ତ ସହର ଲକ୍ଷ୍ୟ ଫେଲ୍

## ରିଭର୍ସ ଭେଣ୍ଡିଂ ମେଶିନ ଚଳାଇବାକୁ ରହୁନାହାନ୍ତି କର୍ମଚାରୀ

**ବ୍ରହ୍ମପୁର ଅଫିସ, ୧।୧୨**

ବ୍ରହ୍ମପୁରକୁ ପ୍ଲାଷ୍ଟିକମୁକ୍ତ ସହରରେ ପରିଣତ କରିବା ପାଇଁ ପୁରୁଣା ବସ୍ଷ୍ଟାଣ୍ଡଠାରେ ରିଭର୍ସ ଭେଣ୍ଡିଂ ମେଶିନ ସ୍ଥାପନ କରାଯାଇଛି। ଏହି ଅଞ୍ଚଳଟି ଜନଗହଳିପୂର୍ଣ୍ଣ ଅଞ୍ଚଳ ହୋଇଥିବା ବେଳେ ପ୍ରତ୍ୟହ ସ୍କୁଲ କଲେଜ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ବହୁ ଲୋକଙ୍କ ଯାତାୟାତ ଲାଗି ରହିଥାଏ। ଏହାକୁ ଦୃଷ୍ଟିରେ ରଖି ଉକ୍ତ ଅଞ୍ଚଳ ସମେତ ସହରକୁ ପ୍ଲାଷ୍ଟିକମୁକ୍ତ କରିବା ଲକ୍ଷ୍ୟ ନେଇ ରିଭର୍ସ ଭେଣ୍ଡିଂ ମେଶିନ ବସାଗଲା। ଏହି ମେଶିନରେ ପ୍ଲାଷ୍ଟିକ ବୋତଲ, ପଲିଥିନ ପକାଇଲେ ଏକ ରସିଦ ମିଳିବ। ଉକ୍ତ ରସିଦକୁ ଅନ୍‌ଲାଇନ ଖାଦ୍ୟ ଅର୍ଡର ବେଳେ ଦେଖାଇଲେ ରିହାତି ମିଳିବ। ନଚେତ ଉକ୍ତ ରସିଦ ସ୍ଥାନୀୟ ନନ୍ଦନ ହୋଟେଲରେ ଦେଖାଇଲେ ମଧ ରିହାତି ମିଳିବ। ବ୍ରହ୍ମପୁର ମହାନଗର ନିଗମ (ବିଏମ୍ସି) ପକ୍ଷରୁ ଦିଆଯାଇଥିବା ଜାଗାରେ ଏଚ୍‌ଡିଏଫସି ବ୍ୟାଙ୍କର ଆର୍ଥିକ ସହାୟତା ରିଭର୍ସ ଭେଣ୍ଡିଂ ମେଶିନ ବସିବା ପରେ ଗତ ଜୁନ ୧୬ ତାରିଖରେ ତାହା ଉଦ୍‌ଘାଟିତ ହୋଇଛି। ପରିବେଶ ଶିକ୍ଷା କେନ୍ଦ୍ରକୁ ଏହାର ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ତେବେ ମେଶିନଟି ଠିକ ଭାବେ ପରିଚାଳନା ହେଉ ନ ଥିବା ଅଭିଯୋଗ ହୁଏ। ଏପରି କି ଅନେକ ସମୟରେ ଏହା ବନ୍ଦ ହୋଇ ରହୁଥିବାରୁ ପ୍ଲାଷ୍ଟିକ ମୁକ୍ତ ସହର ଲକ୍ଷ୍ୟ ଫେଲ୍ ମାରିଛି।

ମେଶିନ୍‌ଟିର ଠିକ ରକ୍ଷଣାବେକ୍ଷଣ କରାଯାଉ ନ ଥିବା ବେଳେ ଚତୁଃପାର୍ଶ୍ୱରେ ଅଳିଆ ଆବର୍ଜନା ଓ ପାଣି କାଦୁଅ ଭର୍ତ୍ତି ହୋଇରହିଛି। ମେଶିନ ଚଳାଇବା ପାଇଁ କର୍ମଚାରୀ ମଧ ଠିକ ଭାବେ ଆସୁ ନ ଥିବା ଅଭିଯୋଗ ହୋଇଛି। ତେଣୁ ଅନେକ ସମୟରେ ପ୍ଲାଷ୍ଟିକ ବୋତଲ ପକାଇବା ନିମନ୍ତେ ଆସୁଥିବା ଲୋକେ ଫେରି ଯାଉଛନ୍ତି। ସେହିପରି ଉକ୍ତ ମେଶିନ ନିକଟରେ ଥିବା ଏକ ଫଳକରେ ପ୍ଲାଷ୍ଟିକ ଆଣନ୍ତୁ ମାସ୍କ ଓ ବ୍ୟାଗ ପାଆନ୍ତୁ ବୋଲି ମଧ ସୂଚନା ରହିଛି। କିନ୍ତୁ କର୍ମଚାରୀ ରହୁ ନ ଥିବା କାରଣରୁ ଲକ୍ଷ୍ୟ ସାଧନ ହୋଇପାରୁ ନ ଥିବା ସହରବାସୀ ମତ ପ୍ରକାଶ କରିଛନ୍ତି। ଜନଗହଳିପୂର୍ଣ୍ଣ ସ୍ଥାନରେ ଥିବା ଏହି ରିଭର୍ସ ଭେଣ୍ଡିଂ ମେଶିନର ସଦୁପଯୋଗ ପାଇଁ ସାଧାରଣରେ ଦାବି ହୋଇଛି।



ସଫେଇ ହେଉ ନ ଥିବା ଆବର୍ଜନା।

# ବିସିସି ବ୍ୟାଙ୍କ ରବିଚାଷ କୃଷି ଋଣ ଦେବ ୨୨୦ କୋଟି

## ଉପକୃତ ହେବେ ଗଞ୍ଜାମ-ଗଜପତି ଜିଲା ଚାଷୀ

**ବ୍ରହ୍ମପୁର ଅଫିସ,୧।୧୨**

ବ୍ରହ୍ମପୁର ସମବାୟ କେନ୍ଦ୍ର (ବିସିସି) ବ୍ୟାଙ୍କ ୨୦୨୨–୨୩ ବର୍ଷରେ ଗଞ୍ଜାମ ଓ ଗଜପତି ଜିଲାର ପଞ୍ଜୀକୃତ ଚାଷୀଙ୍କୁ ୨୨୦ କୋଟି ଟଙ୍କା ରବି ଚାଷ ପାଇଁ କୃଷି ଋଣ ଲଗାଣ କରିବ। ତନ୍ମଧ୍ୟରୁ ଗଞ୍ଜାମର ଚାଷୀଙ୍କୁ ୧୯୦ ଏବଂ ଗଜପତିର ଚାଷୀଙ୍କୁ ୩୦ କୋଟି ଦେବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ୨୦୨୧–୨୨ ବର୍ଷର ରବି ଚାଷ ନିମନ୍ତେ ଦୁଇ ଜିଲାର ଚାଷୀଙ୍କୁ ୨୧୮.୩୫ କୋଟି ଋଣ ଦିଆଯାଇଥିଲା। ଏହା ଲକ୍ଷ୍ୟଧାର୍ଯ୍ୟ ଅପେକ୍ଷା ଅଧିକା ୧୮ କୋଟି ହୋଇଥିଲା। ଚଳିତ ଆର୍ଥିକ ବର୍ଷର ଖରିଫ ଚାଷ ନିମନ୍ତେ ବ୍ୟାଙ୍କ ପକ୍ଷରୁ ଉଭୟ ଜିଲାର ଚାଷୀଙ୍କୁ ୨୪୦ କୋଟି ଖରିଫ ଚାଷ ଋଣ ଲଗାଣ କରିଥିଲା।

ଏହି ସମବାୟ କେନ୍ଦ୍ର ବ୍ୟାଙ୍କ ସୂତ୍ରରୁ ମିଳିଥିବା ଖବର ଅନୁସାରେ ଗତ ଅକ୍ଟୋବର ୧ ରୁ ରବି ଚାଷ ଋଣ ଲଗାଣ ଆରମ୍ଭ ହୋଇଛି। ନଭେମ୍ବର ୩୦ ତାରିଖ ସୁଦ୍ଧା ଦୁଇ ମାସରେ ଉଭୟ ଜିଲାର ଚାଷୀଙ୍କୁ ୬୪.୨୫ କୋଟି ଟଙ୍କା ଋଣ ଲଗାଣ ହୋଇଛି। ୨୦୨୩ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ କୃଷିଋଣ ଦିଆଯିବାର କୁହାଯାଇଛି। ସୂଚନାଯୋଗ୍ୟ ସମଗ୍ର ଗଜପତି ଜିଲା ଏବଂ ଗଞ୍ଜାମର ଅର୍ଦ୍ଧେକ ଅଞ୍ଚଳ ଶହି ବ୍ୟାଙ୍କ ଅଧିନ ଅଛି। ଦୁଇ ଜିଲାର ୨୫୫ କୃଷି ସେବା ସମବାୟ ସମିତି (ସୋସାଇଟି) ମାଧ୍ୟମରେ ଋଣ ଦିଆଯିବାର ବ୍ୟବସ୍ଥା ରହିଛି। ଆବଶ୍ୟକସ୍ଥଳେ ଲକ୍ଷ୍ୟଧାର୍ଯ୍ୟ ଠାରୁ ଅଧିକ ଟଙ୍କା ଚାଷୀଙ୍କୁ ରବି ଋଣ ଦିଆଯିବାର ବ୍ୟାଙ୍କ ପ୍ରଶାସନ ସୂତ୍ରରୁ ପ୍ରକାଶ।

ଗଜପତି ଓ ଗଞ୍ଜାମରେ ଜାତୀୟକରଣ ବ୍ୟାଙ୍କଗୁଡ଼ିକ ଅପେକ୍ଷା ସମବାୟ ବ୍ୟାଙ୍କ ହିଁ ସବୁବର୍ଷ ବିପୁଳ ପରିମାଣର କୃଷିଋଣ ଚାଷୀଙ୍କୁ ଦିଆଯାଉଥିବା ନଜିର ଅଛି। ବିସିସି ବ୍ୟାଙ୍କର ପୂର୍ବ ପରିଚାଳନା ବୋର୍ଡର କାର୍ଯ୍ୟକାଳ ୨୦୨୦ ମେ ମାସରେ ସରିଥିଲା। ଫଳରେ ପରିଚାଳନା ସରକାରଙ୍କ ନିୟନ୍ତ୍ରଣକୁ ଯାଇଥିଲା। ଗଞ୍ଜାମ ଜିଲାପାଳ ପ୍ରଶାସକ ତଥା ସଭାପତି ଭାବେ ଅତିରିକ୍ତ ଦାୟିତ୍ୱରେ ଥିଲେ। ଗତ ନଭେମ୍ବର ମାସ ମଧ୍ୟଭାଗରେ ବିସିସି ବ୍ୟାଙ୍କର ନିର୍ବାଚିତ ପରିଚାଳନା ପରିଷଦ ଗଠନ ହୋଇଛି। ନୂଆ ସଭାପତି ଓ ନିର୍ଦ୍ଦେଶକମାନେ ଦାୟିତ୍ୱଗ୍ରହଣ କରିଛନ୍ତି।

# ଗର୍ଭବତୀଙ୍କ ହେପାଟାଇଟିସ୍ 'ବି' ପରୀକ୍ଷା ଉପରେ ଗୁରୁତ୍ୱ

## ବିଶ୍ୱ ଏଡ୍ସ ଦିବସ ପାଳିତ

**ବ୍ରହ୍ମପୁର ଅଫିସ,୧।୧୨**

ଗଞ୍ଜାମ ଜିଲା ସ୍ୱାସ୍ଥ୍ୟ ସମିତି ତରଫରୁ ବିଶ୍ୱ ଏଡ୍ସ ଦିବସ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପ୍ରଜ୍ଞାନ ସମ୍ମିଳନୀ କକ୍ଷରେ ପାଳନ କରାଯାଇଛି। ଏହି ଅବସରରେ ସଚେତନତା ଶୋଭାଯାତ୍ରାକୁ ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମଓ) ଉମାଶଙ୍କର ମିଶ୍ର ପତାକା ଦେଖାଇ ଉଦଘାଟନ କରିଥିଲେ। ଚଳିତ ବର୍ଷର ଶୀର୍ଷକ 'ନିଜକୁ ପରୀକ୍ଷା କରିବା, ଏଚଆଇଭି ଶେଷ କରିବା ପାଇଁ ସମାନତା ହାସଲ କରିବା' ବିଷୟରେ ସିଡିଏମଓ ଆଲୋକପାତ କରିଥିଲେ। ଗର୍ଭବତୀମାନଙ୍କର ଏଚ୍ଆଇଭି, ସିଫିଲିସ, ହେପାଟାଇଟିସ 'ବି' ପରୀକ୍ଷା, ପରାମର୍ଶ ଓ ଚିକିତ୍ସା ଉପରେ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ। ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଜଗଦୀଶ ପଟ୍ଟନାୟକ ଏଚଆଇଭି/ ଏଡ୍ସର ଭୟାବହତା ସମ୍ପର୍କରେ ଆଲୋକପାତ କରିଥିଲେ। ଡା. ଅବନୀ କୁମାର ପାତ୍ର ଏଚଆଇଭି ଓ ଟିବି ସମ୍ପର୍କରେ ବୁଝାଇଥିଲେ। ଏଚଆଇଭି ଥିଲେ ଟିବି ହେବାର ୬୦% ଅଧିକ ସମ୍ଭାବନା ଥାଏ, ଏଣୁ ପ୍ରତ୍ୟେକ ଏଚଆଇଭି ଯକ୍ଷ୍ମା ଆକ୍ରାନ୍ତଙ୍କ ପରୀକ୍ଷା ଉଭୟ ସରକାରୀ ଓ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ କରାଯାଉଛି ବୋଲି କହିଥିଲେ। ଜିଲା ପ୍ରକଳ୍ପ ଅଧିକାରୀ ହେମନ୍ତ କୁମାର ଦାଶ ଏଡ଼ସ ସେଲର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏଚଆଇଭି ଆକ୍ରାନ୍ତଙ୍କୁ ଘୃଣା ନକରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ସ୍ୱାସ୍ଥ୍ୟ ମିଶନର ପ୍ରକଳ୍ପ ଅଧିକାରୀ ଶ୍ୟାମସୁନ୍ଦର ତ୍ରିପାଠୀ, ଓଡିଶା ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶିକା ଡା. ପ୍ରମିଳା ବରାଳ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ।

# ଆକ୍ରମଣ ମାମଲା: ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

**ବ୍ରହ୍ମପୁର ଅଫିସ,୧।୧୨**

ଏଲଆର ଜଜ୍ ରାଜ କୁମାର ଦାସ ଏକ ଆକ୍ରମଣ ମାମଲାର ବିଚାର କରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଅଭିଯୁକ୍ତ ଲକ୍ଷ୍ମୀନାରାୟଣ ଦାଶଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଲକ୍ଷ୍ମୀନାରାୟଣ ପ୍ରଥମଥର ଦୋଷ କରିଥିବାରୁ ଜଜ୍ ତାଙ୍କୁ ଏଭଳି କାର୍ଯ୍ୟ ନ କରିବାକୁ ତାଗିଦା କରି ଛାଡ଼ି ଦେଇଥିବା ଅତିରିକ୍ତ ପିପି ରଜତ କୁମାର ଦାସ ସୂଚନା ଦେଇଛନ୍ତି। ୨୦୦୯ ନଭେମ୍ବର ୧୦ ତାରିଖରେ ଲକ୍ଷ୍ମୀନାରାୟଣ ସ୍ଥାନୀୟ ଗିରିରୋଡ୍‌ରେ ଥିବା ବିଇଓଙ୍କ କାର୍ଯ୍ୟାଳୟର ତତ୍କାଳୀନ ପ୍ରଶାସନିକ ଅଧିକାରୀ ରମେଶ ଚନ୍ଦ୍ର ସେଠୀଙ୍କୁ କୌଣସି କଥାକୁ ନେଇ ଆକ୍ରମଣ କରିଥିଲେ। ଏପରି କି ଉକ୍ତ କାର୍ଯ୍ୟାଳୟରେ ଅନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ତାଙ୍କୁ ଜାତିଆଣ କଟୁ ମନ୍ତବ୍ୟ ଦେବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ରମେଶ ଏନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ଲକ୍ଷ୍ମୀନାରାୟଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ସେ ଜାମିନରେ ମୁକୁଳିଥିଲେ। ମାମଲାର ବିଚାର ବେଳେ ଲକ୍ଷ୍ମୀନାରାୟଣଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୧୦ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ପ୍ରମାଣ ମିଳିଥିବାରୁ ଅଭିଯୁକ୍ତଙ୍କୁ ଜଜ୍ ଦୋଷୀ ସାବ୍ୟସ୍ତ କରିଛନ୍ତି।

### ୨୯ ଛାତ୍ରୀଛାତ୍ରଙ୍କ ଜନ୍ମଦିବସ

**ଆର.ଉଦୟଗିରି,୧।୧୨(ଡି.ଏନ୍.ଏ.)**

ଗଜପତି ଜିଲା କେ.ଏମ୍. ଭାଲିଆ ସାହିସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ଛାତ୍ରୀଛାତ୍ରମାନଙ୍କ ଜନ୍ମଦିବସ ସାମୂହିକ ଭାବେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଦିବସରେ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ୨୯ ଛାତ୍ରୀଛାତ୍ରଙ୍କ ଜନ୍ମଦିବସ ପାଳନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ରାମଚନ୍ଦ୍ର ଦଳବେହେରାଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ। ଜନ୍ମଦିବସ ପାଳନ କରିଥିବା ଛାତ୍ରୀଛାତ୍ରମାନେ କେକ୍ କାଟିଥିଲେ। ତେଣୁ ବିଦ୍ୟାଳୟରେ ଏକ ଖୁସିର ଲହରି ଖେଳି ଯାଇଥିଲା।

# ୨ ପ୍ରସ୍ତାବ ପଠାଇଲେ ଜିଲାପାଳ

## ଆସିକା ସହରକୁ ଜଳବନ୍ଦୀରୁ ମୁକ୍ତ ଲାଗି ଆକ୍ସନପ୍ଲାନ୍

**ଛତ୍ରପୁର,୧।୧୨(ଡି.ଏନ.ଏ)**

ବନ୍ୟା ଓ ବାତ୍ୟା ସମୟରେ ଗଞ୍ଜାମ ଜିଲାର ଆସିକା ସହର ସମ୍ପୂର୍ଣ୍ଣ ଜଳବନ୍ଦୀ ହେଉଛି । ୧୯୯୦ରୁ ଏପରି ସମସ୍ୟା ଦେଖାଯାଉଛି । ଏହାର ସ୍ଥାୟୀ ସମାଧାନ ଲାଗି ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ପଦକ୍ଷେପ ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ରାଜ୍ୟ ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ୨୨ ତାରିଖରେ ପଠାଇଥିଲେ । ଆସିକା ସହରକୁ ଜଳବନ୍ଦୀରୁ ମୁକ୍ତ କରିବା ଲାଗି ପ୍ରସ୍ତାବ ଦୁଇଟିକୁ ଅନୁମୋଦନ କରିବାକୁ ଜିଲାପାଳ ଅନୁରୋଧ କରିଛନ୍ତି। ଉକ୍ତ ପ୍ରସ୍ତାବକୁ ଅନୁମୋଦନ କରି ପଦକ୍ଷେପ ନେବାକୁ ରାଜ୍ୟ ଜଳସମ୍ପଦ ବିଭାଗର ଡେପୁଟି ସେକ୍ରେଟାରୀ ୨୫ ତାରିଖରେ ଜଳସମ୍ପଦ ବିଭାଗର ଇଞ୍ଜିନିୟର ଇନ୍ ଚିଫ୍‌ଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି।

ଆସିକା ସହରର ଦୁଇପଟେ ରହିଛି ଋଷିକୁଲ୍ୟା ଓ ବଡନଦୀ । ୧୯୯୦ରେ ବନ୍ୟା ଆସି ସହରରେ ବ୍ୟାପକ କ୍ଷତି କରିଥିଲା । ପରେ ୧୯୯୯ ମହାବାତ୍ୟା, ୨୦୧୩ ରେ ଫାଇଲିନ୍ ଓ ୨୦୧୮ରେ ତିତ୍‌ଲି ବାତ୍ୟା ପରବର୍ତ୍ତୀ ବନ୍ୟାରେ ଆସିକା ବିଶେଷ ପ୍ରଭାବିତ ହେବା ସହ ସହର ଜଳବନ୍ଦୀ ହୋଇଯାଇଥିଲା । ଏପରିକି ପ୍ରତିବର୍ଷ ବନ୍ୟାରେ ଆସିକା ସହର ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ୨୦୧୯ରେ ଏହାର ଅନୁଧ୍ୟାନ ପାଇଁ ତତ୍କାଳୀନ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏକ ବୈଷୟିକ ଟିମ୍ ଗଠନ ହୋଇଥିଲା । ଉକ୍ତ ବର୍ଷ ଅଗଷ୍ଟ ୬ ତାରିଖରେ ଟିପିସିରା ନାଳର ଅନୁଧ୍ୟାନ କରି ଟିମ୍ ରିପୋର୍ଟ ଦେଇଥିଲା । ଆସିକା ସହର କିଭଳି ଜଳବନ୍ଦୀ ନ ହେବ ସେନେଇ ଭଞ୍ଜନଗର ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ଆସିକା ଏନଏସି ନିର୍ବାହୀ ଅଧିକାରୀ, ତହସିଲଦାର, ବ୍ରହ୍ମପୁର ଡ୍ରେନେଜ୍ ଡିଭିଜନ ର ନିର୍ବାହୀଯନ୍ତ୍ରୀ ନିଜ ନିଜ ସ୍ତରରେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ବୈଷୟିକ ଟିମ୍ ପରାମର୍ଶ ଦେଇଥିଲା। ଏବେ ବ୍ରହ୍ମପୁର ଡ୍ରେନେଜ୍ ଡିଭିଜନ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ଆଧାର କରି ବର୍ତ୍ତମାନ ଜିଲାପାଳ ୨ ଟି ପ୍ରସ୍ତାବ ପଠାଇଛନ୍ତି। ଆସିକା ନିକଟ ବାଡୁଆ ନାଳ ଓ ବଡନଦୀ, ଟିପିସିର ନାଳ(ଦେବଭୂମି ହଜ) ଏବଂ ସୁଖାନାଇ ହଜ ଠାରେ ଗୋଟିଏ ଲେଖାଏ ପମ୍ପହାଉସ, ସମ୍ପ ଓ ପ୍ୟାନେଲ ରୁମ୍ ପ୍ରତିଷ୍ଠା କରିବାକୁ ଗୋଟିଏ ପ୍ରସ୍ତାବ ରହିଛି । ଏହାଦ୍ୱାରା ବଡନଦୀ ଓ ଋଷିକୁଲ୍ୟା ନଦୀରୁ ଅଧିକ ବନ୍ୟା ଜଳର ପମ୍ପିଂ କରିହେବ ବୋଲି କୁହାଯାଇଛି । ଏହି ପ୍ରସ୍ତାବ ପୂର୍ବରୁ ନଭେମ୍ବର ୯ ତାରିଖରେ ଭୁବନେଶ୍ୱରସ୍ଥିତ ଡ୍ରେନେଜ୍ ସର୍କଲ ର ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ ପକ୍ଷରୁ କଟକସ୍ଥିତ ଡ୍ରେନେଜ୍ ବିଭାଗର ମୁଖ୍ୟଯନ୍ତ୍ରୀଙ୍କ ଠାରେ ଦାଖଲ କରିଥିବା ଜିଲାପାଳ ଉକ୍ତ ଚିଠରେ ଉଲ୍ଲେଖ କରିଛନ୍ତି। ସେହିପରି ଟିପିସିରା ନାଳର ଉନ୍ନତୀକରଣ ପାଇଁ ଉଦ୍ଦିଷ୍ଟ ଏକ ପ୍ରକଳ୍ପକୁ ବ୍ରହ୍ମପୁର ଡ୍ରେଜେନ୍ ଡିଭିଜନ୍ ପ୍ରସ୍ତୁତ କରିଛନ୍ତି। ଏଥିପାଇଁ ୨୭୬୪.୪୬ ଲକ୍ଷ ଟଙ୍କା ର ଏଷ୍ଟିମେଟ୍ ହୋଇଛି । ଏହି ପ୍ରକଳ୍ପ ହେଲେ ପାଣି ଟିପିସିରା ନାଳରୁ ବଡନଦୀକୁ ନିଷ୍କାସନ ହୋଇପାରିବ ବୋଲି କୁହାଯାଇଛି ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
bmpselfie@gmail.com


@ କୁନି


@ ବନିତା


@ ଓମ୍ ପ୍ରକାଶ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମ୍ୟାନେଜର, ସେଲ୍ସମ୍ୟାନ୍ ଅଟକ

## ସୁନା ଦୋକାନରୁ ଚୋରି ଘଟଣା

**ବ୍ରହ୍ମପୁର ଅଫିସ,୧।୧୨**

ବଡବଜାର ଥାନା ଅଞ୍ଚଳର ଏକ ଜୁଏଲେରୀରୁ ସୁନା ଅଳଙ୍କାର ଚୋରି ଘଟଣାରେ ପୋଲିସ ଉକ୍ତ ଦୋକାନର ମ୍ୟାନେଜର ଓ ସେଲ୍ସ ମ୍ୟାନ୍‌ଙ୍କୁ କାବୁ କରିଛି। ସେମାନେ ହେଲେ ବଡବଜାର ଥାନା ଫାଷ୍ଟଗେଟର ନିରଞ୍ଜନ ଦାସ ଓ ନରେନ୍ଦ୍ରପୁର ଥାନା ଅନ୍ତର୍ଗତ ନରେନ୍ଦ୍ରପୁର ଗୌଡ଼ ସାହିର ରାଜେଶ ସେଠୀ। ମାମଲା ନଂ. ୩୨୬/୨୨ରେ ଉଭୟଙ୍କୁ ଅଟକ ରଖାଯାଇ ଜେରା ଚାଲିଛି। ଅଭିଯୁକ୍ତଦ୍ୱୟ ବଡବଜାରରେ ଥିବା ରାମା ଜୁଏଲେରୀରେ କାମ କରୁଥିବା ବେଳେ ଗତ ୮ମାସ ହେଲା ସୁନା ଅଳଙ୍କାର ଚୋରାଉଥିଲେ ବୋଲି ପୋଲିସକୁ କହିଛନ୍ତି। ଚୋରି ସୁନା ଅଳଙ୍କାରକୁ ପର୍ଯ୍ୟାୟକ୍ରମେ ବିଭିନ୍ନ ସ୍ଥାନରେ ବିକ୍ରି କରିଛନ୍ତି। ଅଧିକ ତଥ୍ୟ ହାସଲ ପାଇଁ ଅଭିଯୁକ୍ତଦ୍ୱୟଙ୍କୁ ଥାନାରେ ମୁହାଁମୁହିଁ ଜେରା ଚାଲିଛି। ପ୍ରକାଶ ଯେ, ରାମା ଜୁଏଲେରୀରେ ନିରଞ୍ଜନ ମ୍ୟାନେଜର ଭାବେ ଓ ରାଜେଶ ସେଲସ୍‌ମ୍ୟାନ ଭାବେ କାମ କରୁଥିଲେ। ନିରଞ୍ଜନଙ୍କ ଉପରେ ଉକ୍ତ ସୁନା ଦୋକାନର ମାଲିକ ପି. ଭେଙ୍କଟ ରାଓ ପାତ୍ର ବିଶ୍ୱାସ ରଖି ସମସ୍ତ ଦାୟିତ୍ୱ ଦେଇଥିଲେ। ଇତିମଧ୍ୟରେ ଗତ ୮ମାସ ମଧ୍ୟରେ ଉଭୟେ ମିଶି ଦୋକାନରୁ ସୁନା ଅଳଙ୍କାର ଲୁଟିଥିଲେ। ସୁନା ଅଳଙ୍କାର ହିସାବ ଠିକ୍ ନ ଥିବା ମାଲିକ ଭେଙ୍କଟ ଜାଣିବା ପରେ ବୁଧବାର ଥାନାରେ ଅଭିଯୋଗ କରିଥିଲେ। ଦୋକାନରୁ ୪୭୫.୬୮୦ ଗ୍ରାମ୍ ସୁନା ଅଳଙ୍କାର ଗାଏବ ହୋଇଥିଲା।

# ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ମେଳା

**ରାଇକିଆ,୧।୧୨(ଡି.ଏନ.ଏ)**

ରାଇକିଆ କଳିଙ୍ଗ ମଡେଲ ରେଶିଡେନ୍ସିଆଲ ସ୍କୁଲରେ ବ୍ଲକସ୍ତରୀୟ ବିଜ୍ଞାନ ଓ ଗଣିତ ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଇଓ ମହେଶ୍ୱର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ପ୍ରିତମ ପ୍ରଧାନ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୭୦ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପାଞ୍ଚ ଶ୍ରେଷ୍ଠ ପ୍ରକଳ୍ପକୁ ଜିଲା ସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲା। ବିଚାରକ ଭାବେ କିଲାକିଆ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସୂର୍ଯ୍ୟ ନାରାୟଣ ପ୍ରଧାନ, କୋଟଗଡ଼ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ବିରେନ୍ଦ୍ର ନାୟକ ଯୋଗ ଦେଇଥିଲେ। ଉଦଯାପନୀରେ ମେଡିକାଲ ଅଫିସର ଜଗନ୍ନାଥ ସାହୁ, ଏବିଇ ଓ ସାରଥୀ କହଁର ଏବଂ ସୀମାଦ୍ରି କହଁର ଯୋଗ ଦେଇଥିଲେ।

